**ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ**

ଚମ୍ପୁଆ,(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ ବ୍ରହ୍ମପୁର କରଞ୍ଜିଆ ନିକଟରେ ବସ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଖବର ଅନୁସାରେ ତୁରୁମୁଙ୍ଗା ଆଡୁ ଚମ୍ପୁଆ ଆସୁଥିବା ଏକ ବସ୍ ଉକ୍ତ ବାଇକ ଆରୋହୀଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ଚମ୍ପୁଆ ପୋଲିସ ପକ୍ଷରୁ ଏନେଇ ତଦନ୍ତ ଆରମ୍ଭ ହୋଇଛି। ଦୁର୍ଘଟଣା ପରେ ପୋଲିସ ଉଭୟ ବସ୍ ଓ ବାଇକ୍‌କୁ ଜବତ କରିଛି। ଖବର ଲେଖାହେବାବେଲକୁ ଯୁବକଙ୍କ ପରିଚୟ ମିଳି ନାହିଁ।

## ସଂକ୍ଷେପରେ

### ଲଗାଣ ବର୍ଷାରେ ଗଛ ପଡ଼ି ଘର ଭାଙ୍ଗିଲା

ପାଟଣା,୧୨।୮(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ଗ୍ରାମ ବଉଳମୂଳ ସାହିରେ ଗୁରୁବାର ରାତିରେ ଲଗାଣ ବର୍ଷାରେ ଏକ ପୁରାତନ ବଉଳ ଗଛ ଘର ଉପରେ ଖସିପଡିଛି। ଗଛଟି ଭଗବାନ ନାଏକଙ୍କ ଖପର ଘର, ଓ ଡୁମୁରିଆ ସାହି କ୍ଲବ ଘର ଉପରେ ପଡ଼ିବାରୁ ଘର ଭାଙ୍ଗିଯାଇଛି। ରାସ୍ତା ସଫା କରିବା ପାଇଁ ପାଟଣା ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି କାର୍ଯ୍ୟ ଆରମ୍ଭ କରିଛନ୍ତି।

### ବରିଷ୍ଠ କଂଗ୍ରେସ କର୍ମୀଙ୍କ ପରଲୋକ

ପଦ୍ମପୁର,୧୨।୮(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତ ପାଟଣା ମିଶ୍ରପୁର ଗ୍ରାମର ବରିଷ୍ଠ କଂଗ୍ରେସ କର୍ମୀ ଭିକାରୀ ଚରଣ ନାୟକ(୯୮)ଙ୍କ ଶୁକ୍ରବାର ପୂର୍ବାହ୍ନରେ ପରଲୋକ ହୋଇଛି। ସେ ଦୀର୍ଘ ୫୦ ବର୍ଷ ଧରି ଦଳର କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୩ ପୁଅ ଗୋପାଳ, ଗୋବିନ୍ଦ, ଗଦାଧର, ବୋହୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପିସିସି ସାଧାରଣ ସମ୍ପାଦକ ଅଶୋକ କୁମାର ଦାସ, କର୍ମୀ ଖଗେନ ବେହେରା, ଜଗବନ୍ଧୁ ବାରିକ, ଜଗବନ୍ଧୁ ନାୟକ, ରତ୍ନାକର ବାରିକ, ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

### ଜିଲାସ୍ତରୀୟ ଜାତୀୟ କୃମିନାଶ ଦିବସ

କେନ୍ଦୁଝର, ୧୨।୮(ଡି.ଏନ.ଏ./ସ୍ୱ.ପ୍ର.): କେନ୍ଦୁଝର ଜିଲା ସଦର ମହକୁମାସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ, ମୋଚିବନ୍ଧଠାରେ ଶୁକ୍ରବାର ଜିଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତାରାଣୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ସାଧାରଣତଃ ପିଲାଙ୍କଠାରେ ଦୁର୍ବଳ ଅନୁଭବ ଲାଗିବା ଏବଂ ପାଠ ପଢିବା ପ୍ରତି ଆଗ୍ରହ ପ୍ରକାଶ ନ ପାଇବା ଇତ୍ୟାଦି ଦେଖିବାକୁ ମିଳିଥାଏ। ତେଣୁ କୃମି ବଟିକା ସେବନ କଲେ ରକ୍ତହୀନତାରୁ ରକ୍ଷା ପାଇବା ସହିତ ସୁସ୍ଥ ରହିବେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ, ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଏହି କୃମି ବଟିକା ସେବନ କରାଯାଉଛି। କୌଣସି କାରଣରୁ ଯଦି କୌଣସି ପିଲା ଶୁକ୍ରବାର ଏହି ବଟିକା ଖାଇ ନ ଥାନ୍ତି ତେବେ ସେମାନଙ୍କୁ ଆସନ୍ତା ୧୯ ତାରିଖ ଦିନ ମପ୍ ଅପ୍ ଡେ'ରେ ଏହି ବଟିକା ଖାଇବାର ବ୍ୟବସ୍ଥା କରାଯାଉଛି। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାଃ ପ୍ରଣତିନୀ ନାୟକ, ଡିପିଏମ୍ ଏନ୍‌ଏଚ୍‌ଏମ୍ ନିତ୍ୟରଞ୍ଜନ ବରାଳ ଯୋଗ ଦେଇ ଜାତୀୟ କୃମିନାଶକ ଦିବସ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମୋଚିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦ୍ୱିତୀକୃଷ୍ଣ ବେହେରା, ଏଡିପିଏଚ୍‌ସିଓ ଧନୁରାମ ମୁର୍ମୁ, ଏସ୍.ଏ. ନୃସିଂହ ନାରାୟଣ ନନ୍ଦ ପ୍ରମୁଖ ଉକ୍ତ ଦିବସର ପରିଚାଳନାରେ ସହଯୋଗ କରିଥିଲେ।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ୨୨ କି.ମି. ପଦଯାତ୍ରା

## ଜିଲାପାଳଙ୍କୁ ଦାବିପତ୍ର ଦେଲା ବନ୍ତ ବିକାଶ ପରିଷଦ

ଭଦ୍ରକ ଅଫିସ/ବନ୍ତ,୧୨।୮(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ସଦର ମହକୁମାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ)ରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ୧୦ ଦଫା ଦାବିରେ ବିକାଶ ପରିଷଦ ପକ୍ଷରୁ ଶୁକ୍ରବାର ୨୨କି.ମି. ପଦଯାତ୍ରା କରାଯାଇଛି। ପରିଷଦର କର୍ମକର୍ତ୍ତା ବନ୍ତଠାରୁ ପଦଯାତ୍ରାରେ ଜିଲାପାଳଙ୍କ ଅଫିସ୍ ଅଭିମୁଖେ ଯାଇଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ କାର୍ତ୍ତିକ ମଣ୍ଡଳଙ୍କୁ ଏକ ଦାବିପତ୍ର ସେମାନେ ପ୍ରଦାନ କରିଛନ୍ତି। ମେଡିସିନ ବିଭାଗରେ ସ୍ପେଶାଲିଷ୍ଟ ଡାକ୍ତରଙ୍କ ସ୍ଥାୟୀ ନିଯୁକ୍ତି, ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା, ଶିଶୁ ଓ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ନିଯୁକ୍ତି, ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା, ଷ୍ଟାଫନର୍ସଙ୍କ ୨୪ ଘଣ୍ଟିଆ



ବନ୍ତ ବିକାଶ ପରିଷଦର କର୍ମକର୍ତ୍ତା ପଦଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଉଛନ୍ତି।

ନିଯୁକ୍ତି, ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଓ ଆଲୋକୀକରଣ ବ୍ୟବସ୍ଥା, ରୋଗୀଙ୍କ ପାଇଁ ସ୍ଥାୟୀ ଓ ଉନ୍ନତମାନର ଶୌଚାଳୟ ନିର୍ମାଣ, ଆବଶ୍ୟକ ସଂଖ୍ୟକ ରୋଗୀ ଶଯ୍ୟା, ଅକ୍ସିଜେନ, ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ସ୍ୱଚ୍ଛ ରଖିବା, ଜଳ ନିଷ୍କାସନ, ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ଆଦି ଦାବି ରହିଛି। ଯୁବ ସାମାଜିକ କର୍ମୀ ଲାଲା ସ୍ୱାଇଁଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ଲକି ସ୍ୱାଇଁ, ସୁଧାଂଶୁ ଶେଖର ନାୟକ, ପବିତ୍ର ପୃଷ୍ଟି, ଖଗେଶ୍ୱର ବରାଳ, ସନ୍ତୋଷ ଜେନା, ମନୋଜ ଜେନା, ସରୋଜ ରାଉତ, ସେକ୍ ଅନିସୁର୍, ସୟଦ ଲାଲା, ସମୀର ଜେନା, ରବି ମହାନ୍ତି, ତଥାଗତ ଧଳ, ଦେବବ୍ରତ ବେହେରା ପ୍ରମୁଖ ସାମିଲ ଥିଲେ। ପ୍ରାରମ୍ଭରେ ଡାକ୍ତରଖାନା ସମ୍ମୁଖରେ ମାର୍କଣ୍ଡ ବେହେରାଙ୍କ ସଭାପତିତ୍ୱରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାଇଁ, ସମିତିସଭ୍ୟ ପରମେଶ୍ୱର ବାରିକଙ୍କ ସମେତ ଅନ୍ୟମାନେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ପ୍ରତିବାଦ କରିଥିଲେ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷାଫଳ ପ୍ରକାଶିତ

## ପାସ୍ ହାର ୮୮.୧୭%

ବାଲେଶ୍ୱର ଅଫିସ, ୧୨।୮

ବାଲେଶ୍ୱର ଫକୀର ମୋହନ (ଏଫ୍‌ଏମ୍) ବିଶ୍ୱବିଦ୍ୟାଳୟ ସହିତ ଅନୁବନ୍ଧିତ ଥିବା ସମସ୍ତ ମହାବିଦ୍ୟାଳୟଗୁଡ଼ିକର ସ୍ନାତକ ଶ୍ରେଣୀର ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ସମୁଦାୟ ୮୮.୧୭% ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ କଳା ବିଭାଗରେ ୯୦.୦୧%, ବିଜ୍ଞାନ ବିଭାଗରେ ୮୬.୬୬% ଓ ବାଣିଜ୍ୟ ବିଭାଗରେ ୮୦.୦୯% ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍ନାତକ ଶ୍ରେଣୀର ଏହି ଫଳାଫଳ www.orissaresult.nic.in ୱେବସାଇଟ୍‌ରେ ଉପଲବ୍ଧ କରାଯାଇଛି। ଏହି ବିଷୟରେ ସବିଶେଷ ସୂଚନା ଦେଇଛନ୍ତି ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ରଞ୍ଜନ କୁମାର ରାୟ। ସେହିପରି ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନ ସମସ୍ତ ସ୍ନାତକୋତ୍ତର ଶ୍ରେଣୀର ଅନ୍ତିମ ସେମିଷ୍ଟାର ପରୀକ୍ଷା ଫଳ ମଧ୍ୟ ପ୍ରକାଶ ପାଇଛି। ଏହି କ୍ରମରେ ସ୍ନାତକୋତ୍ତର ଶ୍ରେଣୀରେ ପାସ୍ ହାର ମୋଟ୍ ୯୮.୭୬% ରହିଛି। ବିଶ୍ୱବିଦ୍ୟାଳୟର ସମସ୍ତ ସ୍ନାତକୋତ୍ତର ବିଭାଗରେ ଅନ୍ତିମ ସେମିଷ୍ଟାର ପରୀକ୍ଷା ଗତ ଜୁଲାଇ ୩୦ ତାରିଖ ସୁଦ୍ଧା ଶେଷ ହୋଇଥିଲା। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପରୀକ୍ଷା ଶେଷ ହେବାର ୧୦ଦିନ ମଧ୍ୟରେ ଫଳ ପ୍ରକାଶ କରିବାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଥିଲା। ଫଳସ୍ୱରୂପ ବିଶ୍ୱବିଦ୍ୟାଳୟ ଚଳିତବର୍ଷ ଏହାର ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶ କରିବାରେ ଆଗରେ ରହିଛି ବୋଲି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମତବ୍ୟକ୍ତ କରିଥିଲେ।

# ଅବରୋଧ କଲେ ଉତ୍ତ୍ୟକ୍ତ ଲୋକେ

## ବୈଶିଙ୍ଗା-ରୂପ୍‌ସା ରାସ୍ତା ଶୋଚନୀୟ

ବୈଶିଙ୍ଗା,୧୨।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା-ରୂପ୍‌ସା ଏମ୍.ଡି.ଆର୍. ୭୦ନଂ. ମୁଖ୍ୟ ରାସ୍ତାଟି ଦୁଇଟି ଜାତୀୟ ରାଜପଥକୁ ସଂଯୋଗ କରୁଥିବାରୁ ଏହାର ଗୁରୁତ୍ୱ ଅଧିକ ରହିଛି। ତେବେ ଏହି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ଶୁକ୍ରବାର ସକାଳେ ସିରିଜ ଦୁର୍ଘଟଣାରେ ୪ଜଣ ଗୁରୁତର ହୋଇଥିଲେ। ଏହାର ପ୍ରତିବାଦରେ ସ୍ଥାନୀୟ ବାଛୁରୀପଡ଼ା ଓ ବଙ୍ଗାଳିଡାହି ଅଞ୍ଚଳର ଉତ୍ତ୍ୟକ୍ତ ଲୋକେ ସକାଳ ୬ଟାଠାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ବିଭାଗୀୟ ଅଧିକାରୀ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ରାସ୍ତାକାମ ନାମରେ ଅର୍ଥ ହରିଲୁଟ ଚାଲିଥିବା ଲୋକେ ଅଭିଯୋଗ କରିଛନ୍ତି। ଗତ ୬ ମାସ ତଳେ ବୈଶିଙ୍ଗାଠାରୁ ଅସ୍ତପୁରା ପର୍ଯ୍ୟନ୍ତ ୫ କି.ମି.ରାସ୍ତା ମଧ୍ୟରୁ ୩ କି.ମି. ସମ୍ପୂର୍ଣ୍ଣ ହୋଇଥିଲା ବେଳେ ଆଉ ୨ କି.ମି. ଅର୍ଦ୍ଧନିର୍ମିତ ଭାବେ ପଡ଼ି ରହିଛି। ପ୍ରତିବର୍ଷ ଏହି ରାସ୍ତାର କିଛି ଅଂଶ ନୂଆ ପିଚୁ ହେବା ସହିତ ନିମ୍ନମାନର କାର୍ଯ୍ୟ ଯୋଗୁ ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ବିଲ୍ ହେଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବେତନଟୀ ପୂର୍ତ୍ତ ବିଭାଗର ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ ପଚାରିବାରୁ ବର୍ଷା ଛାଡ଼ିଗଲେ ଖୁବ୍ ଶୀଘ୍ର ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି କହିଛନ୍ତି।



ଲୋକେ ବାଉଁଶ ବାନ୍ଧି ରାସ୍ତାରୋକୋ କରିଛନ୍ତି।

# ୩୦ରୁ ଅଧିକ କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୋଲିସ

ମୋରଡ଼ା, ୧୨।୮ (ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୟୂରଭଞ୍ଜ ଜିଲା ଗସ୍ତକୁ ବିରୋଧ କରୁଥିବା କଂଗ୍ରେସ କର୍ମୀମାନଙ୍କୁ ରାତି ଅଧରେ ପୋଲିସ ଉଠାଇ ନେଇଥିଲା। ମୋରଡ଼ା ଥାନାରେ ୩୦ରୁ ଅଧିକ କଂଗ୍ରେସ କର୍ମୀ ଓ ରାସଗୋବିନ୍ଦପୁର ଥାନାରେ କିଛି କର୍ମୀଙ୍କୁ ପୋଲିସ ଗୁରୁବାର ରାତିରୁ ଅଟକ ରଖିଥିଲା। ବରିଷ୍ଠ କଂଗ୍ରେସ ନେତା ପ୍ରଭାସକର ମହାପାତ୍ର, ଜୟନ୍ତ ବେହେରା, ଘାସିରାମ ବେହେରା, ଶ୍ରୀକାନ୍ତ ପାତ୍ର, ଶୁଭ କୁମାର ମହାନ୍ତ, ମୋହନ ଦାସ, ରାଜେଶ ଦାସ, ଉମାକାନ୍ତ ବାରିକ, ସଞ୍ଜୀବ ସେଠୀ, ଦୀପକ କୁମାର ବେହେରା, କୃଷ୍ଣ ମାରାଣ୍ଡି, ଯୋଗେନ୍ଦ୍ର ମହାନ୍ତି, ରମେଶ ବାସ୍କେ, ହରିହର ଧଳ, କମଳଲୋଚନ ଗିରି, ବନି ବାବୁ, ମଣ୍ଟୁ ଦେଓ, ନିରଞ୍ଜନ ଦାସ, ଶଶଧର ବେହେରା, ସନାତନ ଦେ, ପ୍ରଦୀପ ଦାସ, ରମେଶ ମହାକୁଡ଼ ଓ ଅନ୍ୟ ପ୍ରମୁଖ କର୍ମୀଙ୍କୁ ଅଟକ ରଖି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଶେଷ ହେବା ପରେ ଛାଡ଼ି ଦେଇଥିଲା।

# ବୈତରଣୀରେ କମୁଛି ଜଳସ୍ତର



ଆଖୁଆପଦା ଆନିକଟଠାରେ ପ୍ରବାହିତ ବୈତରଣୀ ଜଳ।

ଭଣ୍ଡାରିପୋଖରୀ,୧୨।୮(ସ୍ୱ.ପ୍ର.)

ଲଘୁଚାପଜନିତ ବର୍ଷା ଯୋଗୁ ବୈତରଣୀ ନଦୀର ଜଳସ୍ତର ମଙ୍ଗଳବାର ରାତିଠାରୁ ବଢ଼ିବା ଆରମ୍ଭ କରିଥିଲା। ନଦୀର ଆଖୁଆପଦା ଆନିକଟଠାରେ ବିପଦ ସଙ୍କେତ ୧୭.୮୩ ମିଟର ଥିବାବେଳେ ଶୁକ୍ରବାର ଦିନ ଗୋଟାଏ ସୁଦ୍ଧା ଜଳସ୍ତର ୧୭.୭୩ ମିଟର ଛୁଇଁଥିଲା। ତେବେ ଅପରାହ୍ନ ୨ଟାଠାରୁ ଜଳସ୍ତର ହ୍ରାସ ପାଇଛି। ରାତି ୯ଟା ସୁଦ୍ଧା ୧୭.୬୨ ମିଟରକୁ ଖସିଛି। ଉପରମୁଣ୍ଡରେ ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଆଖୁଆପଦାଠାରେ ସର୍ବନିମ୍ନ ୭.୮ ମିମି ଓ ଚମ୍ପୁଆଠାରେ ସର୍ବାଧିକ ୬୧.୨ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେବେ ବୈତରଣୀରେ ଜଳସ୍ତର କମୁଥିବା ଆଖୁଆପଦା ଜଳସେଚନ ବିଭାଗ ଏସ୍‌ଡିଓ ଶଙ୍କର୍ଷଣ ବେହେରା ସୂଚନାଦେଇଛନ୍ତି।

**ADVERTISEMENT FOR PROJECT ASSISTANT**
**P.G. DEPARTMENT OF SOCIAL SCIENCE**
**FAKIR MOHAN UNIVERSITY**
Vyasa Vihar, Balasore - 756089

Applications are invited from interested candidates for the engagement of one Project Assistant on purely temporary basis for the Odisha State Higher Education Council, Government of Odisha (OURIIP Seed Fund - 2022) sponsored project entitled as "A Multi-Level Analysis of Trends and Dimensions of Voting Behaviour in India since 1999. A Case study of Balasore district of Odisha" in the P.G. Department of Social Science, Fakir Mohan University, Balasore.
Please log into **http://fmuniversity.nic.in**. for details.
Sd./- Principal Investigator

# ଜିଲାରେ ଉଡ଼ିବ ୧ଲକ୍ଷ ୬୦ହଜାର ତ୍ରିରଙ୍ଗା

ବାଲେଶ୍ୱର ଅଫିସ, ୧୨।୮

ଚଳିତବର୍ଷ ଭାରତ ସ୍ୱାଧୀନତାର ୭୫ବର୍ଷ ପାଳନ କରିବାକୁ ଯାଉଛି। ଏହି ଅବସରରେ ଆଜାଦି କା ଅମୃତ ମହୋତ୍ସବ ସମଗ୍ର ଦେଶରେ ପାଳନ ହେଉଛି। 'ହର୍ ଘର ତ୍ରିରଙ୍ଗା' ଅଭିଯାନରେ ସମସ୍ତେ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ତ୍ରିରଙ୍ଗା କ୍ରୟ କରି ଜାତୀୟ ପତାକାର ସମ୍ମାନ ଓ ଜାତୀୟ ଏକତାକୁ ରକ୍ଷା କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା ସହିତ 'ହର୍ ଘର ତ୍ରିରଙ୍ଗା' ଜରିଆରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଉଛି। ୧୩ରୁ ୧୫ତାରିଖ ମଧ୍ୟରେ ନିଜ ଘର ଛାତ ଉପରେ ପତାକା ଉଡ଼ାଇବା ପାଇଁ ଅଭିଯାନରେ ସାମିଲ୍ କରାଯାଇଛି। ରାଜ୍ୟରେ ୩୦ଲକ୍ଷ ପତାକା ତିଆରି ପାଇଁ ସରକାର ପଦକ୍ଷେପ ନେଇଥିବା ବେଳେ ମିଶନ ଶକ୍ତି ବିଭାଗ ପକ୍ଷରୁ ବାଲେଶ୍ୱର ଜିଲାରୁ ୨ଲକ୍ଷ ୫୦ହଜାର ପତାକା ତିଆରି ପାଇଁ ନିର୍ଦ୍ଦେଶ ରହିଛି। ସେଥିମଧ୍ୟରୁ ବାଲେଶ୍ୱର ଜିଲା ପାଇଁ ୧ଲକ୍ଷ ୬୦ହଜାର ଓ କେନ୍ଦୁଝର ଜିଲା ପାଇଁ ୯୦ହଜାର ପତାକା ପଠାଯାଇଛି।

ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକରେ ଥିବା ୧୫ଟି ଫେଡ଼େରେସନ୍‌ର ୨୬ଟି ସ୍ୱୟଂ ସହାୟକ ଗୋଷ୍ଠୀରୁ ପ୍ରାୟ ୪ଶହ ମହିଳା ଜାତୀୟ ପତାକା ତିଆରି କରିବାରେ ସାମିଲ ହୋଇଛନ୍ତି। ଗ୍ରୁପ୍‌ର ମହିଳାମାନେ ୧୦/୧୨ଦିନ ଭିତରେ ପତାକା ତିଆରି କରିଥିଲେ। ଗତ ଗୁରୁବାର ସୁଦ୍ଧା ପ୍ରତ୍ୟେକ ବ୍ଲକର ନିର୍ଦ୍ଧାରିତ ସଂଖ୍ୟାର ପତାକାକୁ ସିଡିପିଓମାନଙ୍କୁ ପ୍ରଦାନ କରାଯାଇଛି। ସିଡିପିଓମାନେ ଅଙ୍ଗନୱାଡ଼ି କର୍ମୀମାନଙ୍କ ଦ୍ୱାରା ପତାକାକୁ ଘରେ ଘରେ ବାଣ୍ଟିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ୧ଲକ୍ଷ ୬୦ହଜାର ଘରେ ଏହି ପତାକା ବଣ୍ଟନ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି।

# ଶ୍ରାବଣ ପୂର୍ଣ୍ଣିମାରେ ଚନ୍ଦନେଶ୍ୱର ପୀଠ ଉତ୍ସବମୁଖର

## ଜଳାଭିଷେକ କଲେ ଲକ୍ଷାଧିକ ଭକ୍ତ

ଭୋଗରାଇ, ୧୨।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କଠାରେ ଶ୍ରାବଣ ପୂର୍ଣ୍ଣିମା ଉପଲକ୍ଷେ ଉତ୍ସବମୁଖର ହୋଇଥିଲା। ଗୁରୁବାର ଶ୍ରାବଣ ପୂର୍ଣ୍ଣିମୀ ପାଳିତ ହେଉଥିବା ବେଳେ ତିଥି ଅନୁଯାୟୀ ବୁଧବାର ରାତିଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଜଳାଭିଷେକ କରିଥିଲେ। ଜଲେଶ୍ୱରଠାରୁ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ୩୭କି.ମି., ପନ୍ତେଇ ଘାଟଠାରୁ ଚନ୍ଦନେଶ୍ୱର ୨୨କି.ମି., ବର୍ଦ୍ଧରଠାରୁ ଚନ୍ଦନେଶ୍ୱର ମନ୍ଦିର ପର୍ଯ୍ୟନ୍ତ ୩କି.ମି. ଭକ୍ତଙ୍କ ଲମ୍ବାଧାଡ଼ି ଲାଗିଥିଲା। ରାଜ୍ୟର ବିଭିନ୍ନ ସ୍ଥାନ ସମେତ ପଶ୍ଚିମବଙ୍ଗ ଝାଡ଼ଖଣ୍ଡ ରାଜ୍ୟରୁ ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ପୋଲିସ ଓ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।

### ରାତିସାରା ଜଳାଭିଷେକ

ଲଘୁଚାପ ବର୍ଷାକୁ ଖାତିର ନ କରି ଅସଂଖ୍ୟ ଶ୍ରଦ୍ଧାଳୁ ଖାଲିପାଦରେ ସୁବର୍ଣ୍ଣରେଖା ନଦୀରୁ ପବିତ୍ର ଜଳ ମାଟିପାତ୍ର, ଗରାରେ ପୂର୍ଣ୍ଣ କରି ଚନ୍ଦନେଶ୍ୱର ମହାଦେବଙ୍କ ଉଦ୍ଦେଶ୍ୟରେ ଶିବଙ୍କ ସ୍ତୁତି ନାରା ଦେଇ ସୁସଜ୍ଜିତ ବାହୁଙ୍ଗୀ କାନ୍ଧରେ ଧରି ପୀଠକୁ ଆଗମନ କରିଥିଲେ। ଶୃଙ୍ଖଳିତ ଭାବେ ଭକ୍ତଙ୍କୁ ମନ୍ଦିରକୁ ଛାଡ଼ିବା ସକାଶେ ସ୍ଥାନୀୟ ବିଜୁ ପଟ୍ଟନାୟକ ଗୋଲେଇଠାରୁ ମନ୍ଦିର ପର୍ଯ୍ୟନ୍ତ ବ୍ୟାରିକେଡ଼ ବ୍ୟବସ୍ଥା କରାଯାଇଥିଲା। ଆଧାତ୍ମିକ ପରିବେଶ ପାଇଁ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।



ସୁବର୍ଣ୍ଣରେଖା ପନ୍ତେଇଘାଟରୁ ଚନ୍ଦନେଶ୍ୱର ମହାଦେବଙ୍କ ଉଦ୍ଦେଶ୍ୟରେ କାଉଡ଼ିଆଙ୍କ ଜଳାଭିଷେକ ଲାଗି ପଦଯାତ୍ରା।

### କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା

ଶ୍ରଦ୍ଧାଳୁଙ୍କ ଗହଳିକୁ ଦୃଷ୍ଟିରେ ରଖି ଚନ୍ଦନେଶ୍ୱର ମନ୍ଦିର ପରିସର ସମେତ ନଦୀଘାଟ, ବିଭିନ୍ନ ଛକରେ ଅଭୁତପୂର୍ବ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବିଭିନ୍ନ ସ୍ଥାନରେ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ପୋଲିସ ବାହିନୀକୁ ସଜାଗ ରଖାଯାଇଥିଲା ବୋଲି ଜଲେଶ୍ୱର ଏସ୍‌ଡିପିଓ ଅଙ୍କିତା କୁମ୍ବାର ସୂଚନା ଦେଇଛନ୍ତି। ଏଥିସହିତ ଜଲେଶ୍ୱର ଓ ବାଲିଆପାଳ ଅତିରିକ୍ତ ତହସିଲଦାରଙ୍କୁ ମାଜିଷ୍ଟ୍ରେଟ୍ ଭାବେ ନିଯୁକ୍ତି ଦିଆଯାଇଥିଲା। ବୁଧବାର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଚନ୍ଦନେଶ୍ୱର ସହ ବିଭିନ୍ନ ସ୍ଥାନ ଅନୁଧ୍ୟାନ କରି ପ୍ରଶାସନ ସହିତ ସମୀକ୍ଷା କରି ଫେରିଥିଲେ। ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ, ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ଭକ୍ତଙ୍କ ସମସ୍ୟା ସମ୍ପର୍କରେ ଟ୍ରଷ୍ଟ ବୋର୍ଡ଼ ସଦସ୍ୟଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ବିଭିନ୍ନ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

### ସେବା ଯୋଗାଇଦେଲେ ସ୍ୱେଚ୍ଛାସେବୀ

ଭକ୍ତଙ୍କ ପୀଠକୁ ଆସିଥିବା ଲକ୍ଷାଧିକ କାଉଡ଼ିଆଙ୍କ ସକାଶେ ଜଲେଶ୍ୱର, ନାମ୍ପୋ, ବଡ଼ମନ୍ଦାରୁଣୀ, କମର୍ଦ୍ଦା, ବାଉଁଶଡ଼ିହା, ଜାରୁହା, ଥାନାଛକ, ଅନନ୍ତପୁର, ଚୌକି, ଭୋଗରାଇହାଟ, ବାଗରୁଖୀ, ଜଳସୋହରିଆ, ନେଗୁଆଁ ଆଦି ସ୍ଥାନରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସେବା, ସାମୟିକ ଖାଦ୍ୟ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ରାତି ୯ଟାରୁ ଚନ୍ଦନେଶ୍ୱର ମହାଦେବଙ୍କ ଶୈବଭକ୍ତଙ୍କ ଜଳାଭିଷେକ ପାଇଁ ମନ୍ଦିର କବାଟ ଖୋଲାଯାଇଥିଲା।



## ସଂକ୍ଷେପରେ

### ବିନା ସୂଚନା ଫଳକରେ ଚାଲିଛି ଆଦର୍ଶ ବିଦ୍ୟାଳୟ କାମ

**କୁଆମରା,୧୨।୮(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ପୁରୁଣା ବାରିପଦାଠାରେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ବିଭାଗ ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ଦ୍ୱାରା ୨୦୨୧ ଡିସେମ୍ବର ମାସରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିଳାନ୍ୟାସ ହୋଇଥିଲା। ସାଢେ ଆଠ ଏକର ପରିମିତ ଜମିରେ ୧୫ କୋଟି ଟଙ୍କା ଅଟକଳରେ ଏହି ନୂତନ ବିଦ୍ୟାଳୟର ନିର୍ମାଣ ହେବ ବୋଲି ମନ୍ତ୍ରୀ ଟୁଡୁ ସୂଚନା ଦେଇଥିଲେ। ଦୁଇ ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ସରିବ ବୋଲି କୁହାଯାଇଥିଲା। ତେବେ ୩ ମାସ ହେବ ଏହି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଅଦ୍ୟାବଧି କାର୍ଯ୍ୟର ସୂଚନା ଫଳକ ବସି ନାହିଁ ଏହା କେତୋଟି ପର୍ଯ୍ୟାୟରେ ହେବ ଓ କେଉଁ ବିଭାଗ ଏହା କାର୍ଯ୍ୟ କରୁଛି ଏବଂ ଏଥି ପାଇଁ କେତେ ଟଙ୍କା ମଞ୍ଜୁର ହୋଇଛି, ଏହାର ଠିକାଦାର କିଏ ଏ ନେଇ କୌଣସି ସୂଚନାନାହିଁ। ଏନେଇ ସରକାରଙ୍କ ନିୟମକୁ ଉଲ୍ଲଂଘନ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଗୃହ କାର୍ଯ୍ୟ ଆରମ୍ଭରୁ ବିଭ୍ରାଟ ଦେଖା ଦେଇଛି। ଫାଉଣ୍ଡେସନ କାର୍ଯ୍ୟ ପରେ ଘର ମଧ୍ୟରେ ଯେଉଁଠି ବାଲି ଫିଲିଂ ହେବା କଥା ସେ ସ୍ଥାନରେ ନିକଟରେ ଠୁଳ ହୋଇଥିବା ମୋରମ ଓ ମାଟିକୁ ଜେସିବି ଲଗାଇ ଭର୍ତ୍ତି କରାଯାଇ ଥିବା ବ୍ଲକ ଉପାଧକ୍ଷା ରଶ୍ମିତା ଚୌଧୁରୀ ଅଭିଯୋଗ କରିଛନ୍ତି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

### ବିଜ୍ଞାନ ମେଳା

**ସୋର, ୧୨।୮(ଡି.ଏନ.ଏ.):** ସୋର କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଛି। ଅଧ୍ୟାପକ ମନୀନ୍ଦ୍ର ଦିକ୍ଷୀତ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରି ପ୍ରଚୀନ ଭାରତବର୍ଷର ବୈଜ୍ଞାନିକ ପ୍ରାମାଣିକତା ସାରା ସମାଜକୁ ଦିଗଦର୍ଶନ ଦେଇଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ବିଜ୍ଞାନ ଓ ଗଣିତ ପ୍ରକଳ୍ପ, ପ୍ରଶ୍ନମଞ୍ଚ, ପ୍ରୟୋଗ ପତ୍ରବାଚନ ସହ ସଂସ୍କୃତି ଜ୍ଞାନ ବିଷୟରେ ବାଲ୍ ଓ କିଶୋର ବର୍ଗରେ ପ୍ରତିଯୋଗିତା ହୋଇଥିଲା। ପ୍ରଧାନଶିକ୍ଷକ କମଳଲୋଚନ ତ୍ରିପାଠୀ, ପ୍ରଣବ କୁମାର ପାଣିଗ୍ରାହୀ, ଉମେଶ ଚନ୍ଦ୍ର ପଣ୍ଡା, ସୁର କଙ୍କୁଲ ପ୍ରମୁଖ ହରିଶ୍ଚନ୍ଦ୍ର ଜେନା, ପ୍ରଦୀପ କୁମାର ବିଶ୍ୱାଳ, ପ୍ରଭାତ କୁମାର ଲୋଙ୍କା, ମାନସ ଚନ୍ଦ୍ର ଶଂଖୁଆ, ଆଚାର୍ଯ୍ୟା ନମ୍ରତା ମହାନ୍ତି ପ୍ରମୁଖ ବିଚାରକ ଭାବେ ଯୋଗ ଦେଇ ପ୍ରକଳ୍ପ ମୂଲ୍ୟାୟନ କରିଥିଲେ। ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବାରିକ ଅତିଥି ପରିଚୟ ଦେଉଥିବା ବେଳେ ଆଚାର୍ଯ୍ୟା ସଂଯୁକ୍ତା ବେହେରା ଧନ୍ୟବାଦ ଦେଇଥିଲେ।

### ସରିଲା ୭ ଦିନିଆ ଯୋଗ ଶିବିର

**ବାରିପଦା ଅଫିସ,୧୨।୮:** ସ୍ୱାଧୀନତାର ୭୫ତମ ପୂର୍ତ୍ତି ଆଜାଦି କା ଅମୃତ ମହୋତ୍ସବ ଅବସରରେ ବାରିପଦା ମଣ୍ଡଳ କାରାଗାରରେ ୭ ଦିନ ବ୍ୟାପି ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍ଟ ଅଫ୍ ଲିଭିଙ୍ଗର ଯୋଗ ପ୍ରଶିକ୍ଷକ କୌଶିକ ସାହୁ ଓ କଳ୍ପନା ମହାପାତ୍ର ଯୋଗଦେଇ ଅନ୍ତେବାସୀଙ୍କୁ ଯୋଗଶିକ୍ଷା ଦେଇଥିଲେ। ଏଥିରେ ୩୦ଜଣ ଲେଖାଏ ପ୍ରତ୍ୟେକ ଦିନ ଉପସ୍ଥିତ ରହି ଯୋଗଶିକ୍ଷା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆର୍ଟ ଅଫ୍ ଲିଭିଙ୍ଗର ସମ୍ପାଦକ ଅଜୟ୍ କୁମାର ମୋଦି, ସଦସ୍ୟ ସଞ୍ଜୀବ କୁମାର ଜେନା, ସୁମିତ ଚକଲଦାର, ତୁଷାରକାନ୍ତି ମହାନ୍ତି ପ୍ରମୁଖ ଯୋଗଦେଇ ଅନ୍ତେବାସୀମାନଙ୍କୁ ଉତ୍ସାହିତ କରିଥିଲେ। ମଣ୍ଡଳ କାରାଗାରର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ରକ୍ଷାବନ୍ଧନ କାର୍ଯ୍ୟକ୍ରମ

**ବାଲେଶ୍ୱର ଅଫିସ, ୧୨।୮:** ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ହିନ୍ଦୁ ପରିଷଦ ବାଲେଶ୍ୱର ନଗର ତରଫରୁ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସ୍ୱାସ୍ଥ୍ୟକର୍ମୀଙ୍କ ସହିତ ସଫେଇ କର୍ମଚାରୀ, ସୁରକ୍ଷା କର୍ମୀ ଏବଂ କାର୍ଯ୍ୟରତ କର୍ମଚାରୀମାନଙ୍କୁ ରାଖୀ ବାନ୍ଧି ସେମାନଙ୍କର ସୁରକ୍ଷା, ଦୀର୍ଘଜୀବନ ଏବଂ ଆରୋଗ୍ୟ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କଠାରେ କାମନା କରିଥିଲେ। ଜିଲା ସମ୍ପାଦକ ଦେବବ୍ରତ କରଙ୍କ ସହିତ ନଗର ସଭାପତି ରାକେଶ କୁମାର ସିଂ, ନଗର ସମ୍ପାଦକ ସୁଶୀଲ ଜଲାନ୍, ବଜରଙ୍ଗ ଦଳ ନଗର ସଂଯୋଜକ ପ୍ରଦୀପ କୁମାର ଦାଶ, ସତ୍‌ସଙ୍ଗ ପ୍ରମୁଖ ଜଗଦୀଶ ଖଣ୍ଡେଲୱାଲ, ଦୁର୍ଗାବାହିନୀ ସହ ସଂଯୋଜିକା ସୁସନ୍ଧ୍ୟା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ନ ହେବା ଯାଏ ଲଢ଼େଇ

**ଭଦ୍ରକ ଅଫିସ,୧୨।୮**

ଭଦ୍ରକ ଜିଲାରେ ସରକାରୀ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ଶୁକ୍ରବାର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆହୂତ ଖବରଦାତା ସମ୍ମିଳନୀରେ ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ସୁବ୍ରତ ଦାସ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ସ୍ୱାସ୍ଥ୍ୟସେବା ପରି ଏକ ମୌଳିକ ସେବା ପାଇଁ ଭଦ୍ରକ ସଦରମହକୁମାର ମୁଖ୍ୟ ଚିକିତ୍ସାଳୟ ଉପରେ ଭଦ୍ରକ ସହ ପଡ଼ୋଶୀ କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଜିଲାର ଲୋକେ ନିର୍ଭରଶୀଳ। କିନ୍ତୁ ରୋଗୀମାନେ ଉପଯୁକ୍ତ ଚିକିତ୍ସା ନ ପାଇ କଟକ ସ୍ଥାନାନ୍ତର ହୋଇଥାନ୍ତି। ଏକ୍ସରେ, ଅଲଟ୍ରାସାଉଣ୍ଡ, ଏମ୍ଆର୍ଆଇ, ଏଣ୍ଡୋସ୍କୋପି ୨୪ ଘଣ୍ଟିଆ ସୁବିଧା ନାହିଁ। ଗରିବ ଲୋକେ ସାମାନ୍ୟ ରୋଗ ପାଇଁ ବାହାରକୁ ସ୍ଥାନାନ୍ତର ହେଉଥିବାରୁ ଆର୍ଥିକ ଦୃଷ୍ଟିକୋଣରୁ ସେମାନେ ଶୋଷଣର ଶିକାର ହେଉଛନ୍ତି। ଏସବୁ ସମସ୍ୟାର ସମାଧାନ ପାଇଁ ଭଦ୍ରକରେ



ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତା।

**ଚେତାବନୀ ଦେଲା କଂଗ୍ରେସ**

ସରକାରୀ ମେଡିକାଲ କଲେଜ ସହ ସଦରମହକୁମାରେ ଏକ ସୁପର ସ୍ପେଶାଲିଟି ହସ୍ପିଟାଲ ପ୍ରତିଷ୍ଠା ଆବଶ୍ୟକ।

ସେହିପରି ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ନେତା ନଳିନୀ ମହାନ୍ତି ରାଜ୍ୟର ଦ୍ୱିତୀୟ ସର୍ବପୁରାତନ ମହାବିଦ୍ୟାଳୟ ଭଦ୍ରକ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ନ ମିଳିଲେ ହୀରକ ଜୟନ୍ତୀ ଉତ୍ସବରେ କୌଣସି ମନ୍ତ୍ରୀଙ୍କୁ ପୂରାଇ ଦିଆଯିବ ନାହିଁ ବୋଲି କହିଥିଲେ। ଦଳର ବରିଷ୍ଠ ନେତା ଅଶ୍ରଫ ଅଲ୍ଲୀ ଖାନ୍, ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ହେମନ୍ତ ମହାପାତ୍ର, ଛାତ୍ର ନେତା ସେକ୍ ସାହିଲ କାଦ୍ରୀ, କାଉନସିଲର ଏନାମୁଲ ହକ୍, ବିଜୟ ବାରିକ, ରଞ୍ଜନ ଯେନା, ଇଲିୟାସ ଅଲ୍ଲୀ ଖାନ, ସେକ୍ ଫଇଜାନ ଅଲ୍ଲୀ, ସେକ୍ ସିରାଜୁଦ୍ଦିନ, ସୁଲେମାନ ଖାନ୍ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଉତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

**ଯୋଡ଼ା,୧୨।୮(ଡି.ଏନ.ଏ.)**

**ବସ୍ ଧକ୍କାରେ ଦୁଇ ଯୁବକ ମୃତ ଘଟଣା**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଲହଣ୍ଡା ଗ୍ରାମ ଦେଇ ଯାଇଥିବା ଜାତୀୟ ରାଜପଥ ୫୨୦ନଂ ରେ ଗୁରୁବାର ରାତି ପ୍ରାୟ ୯ ଟା ସମୟରେ ବଡ଼ବିଲରୁ ବାରିପଦା ଯାଉଥିବା କୌଶଲ୍ୟା ବସ ଧକ୍କା ଦେବା ଦ୍ୱାରା ଦୁଇ ଜଣଙ୍କ ଘଟଣା ସ୍ଥଳରେ ହିଁ ଶୋଚନୀୟ ଭାବେ ମୃତ୍ୟୁ ହୋଇଥିଲା। ମୃତକ ଦ୍ୱୟ ହେଲେ ସ୍ଥାନୀୟ ଅଞ୍ଚଳର ଜେନା ମୁଣ୍ଡା(୩୦) ଓ ପରମେଶ୍ୱର ମୁଣ୍ଡା(୨୨)। ଏହି ଘଟଣା ଘଟାଇ ଉକ୍ତ ବସ୍ କିଛି ଦୂର ଆଗକୁ ଯାଇ ବିଲେଇପଦା ଠାରେ ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଦେଇ ବସ୍ ଚାଳକ ରିମୁଳି ଥାନାରେ ଆତ୍ମସମର୍ପଣ କରିଥିଲେ। ଏପଟେ ଘଟଣା ସ୍ଥଳରେ ସ୍ଥାନୀୟଲୋକେ ଟାୟାର୍ ଜାଳି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ବଡ଼ବିଲ ଏସ୍‌ଡିପିଓ, ବଡ଼ବିଲ ଥାନା ଅଧିକାରୀ, ଯୋଡ଼ା ଥାନା ଅଧିକାରୀ,ବଡବିଲ ତହସିଲଦାର, ବିରିକଳା ସରପଞ୍ଚ, ସମିତି ସଭ୍ୟ, ନାଏବ ସରପଞ୍ଚ ପହଞ୍ଚି ଘଟଣାକୁ ଅନୁଧ୍ୟାନ କରି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ଦ୍ୱାରା ରାସ୍ତା ଅବରୋଧ ହଟିଥିଲା। ବିରିକଳା ସରପଞ୍ଚଙ୍କ ସୂଚନା ଅନୁଯାୟୀ ବଡ଼ବିଲ ତହସିଲଦାର ମୃତକଙ୍କ ପରିବାରକୁ ଜିଲା ରେଡକ୍ରସ ପାଣ୍ଠିରୁ ଶୁଦ୍ଧିକ୍ରିୟା ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯିବା ସହ ଦୁର୍ଘଟଣା ଘଟାଇ ଥିବା ବସ୍ ଚାଳକଙ୍କୁ ଯୋଡା ଥାନା ରେ ରଖି ପଚରା ଉଚରା କରାଯାଉଛି।

## ହାତୀ ଦ୍ୱାରା କ୍ଷତିଗ୍ରସ୍ତ ପରିବାରଙ୍କ ବ୍ଲକ କାର୍ଯ୍ୟାଳୟ ଘେରାଉ

**ସାରସକଣା,୧୨।୮(ଡି.ଏନ.ଏ.)**

**ଦାବିପତ୍ର ଦେଲା ଜେଏମ୍ଏମ୍**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଞ୍ଚଳରେ ଝାଡଖଣ୍ଡୀ ହାତୀ ପ୍ରବେଶ କରି କିଛି ଦିନ ମଧ୍ୟରେ ପାଖାପାଖି ୭୦ଜଣଙ୍କ ଘର ଭାଙ୍ଗିଦେଇଥିବା ବେଳେ ୩ଜଣଙ୍କ ମୃତ୍ୟୁ ଘଟିଛି। ଅନେକ ଲୋକ ଗୃହଶୂନ୍ୟ ହୋଇ ପଲିଥିନ ତଳେ ଜୀବନ କାଟୁଛନ୍ତି। ଏହି ଘଟଣାକୁ ନେଇ କ୍ଷତିଗ୍ରସ୍ତ ପରିବାର ଏବଂ ଜେଏମ୍ଏମ୍ ପକ୍ଷରୁ ଶୁକ୍ରବାର ସାରସକଣା ବ୍ଲକ କାର୍ଯ୍ୟାଳୟ ଘେରାଉ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ବନ୍ୟ ଜନ୍ତୁଙ୍କ ଦ୍ୱାରା ମୃତକଙ୍କ ପାଇଁ ମହାରାଷ୍ଟ୍ର ସରକାର ୧୦ ଲକ୍ଷ ଏବଂ ଝାଡ଼ଖଣ୍ଡ ସରକାର ୬ଲକ୍ଷ ୫୦ ହଜାର ସହାୟତା ଦେଉଥିବା ବେଳେ ଓଡ଼ିଶା ସରକାର ମଧ୍ୟ ସହାୟତା ରାଶି ବଢ଼ାନ୍ତୁ ବୋଲି ଜେଏମ୍ଏମ୍ ନେତା ରାମଚନ୍ଦ୍ର ହାଁସଦା ଦାବି କରିଛନ୍ତି। ସରକାର ଏନେଇ ପଦକ୍ଷେପ ଗ୍ରହଣ ନ କଲେ ସାରସକଣା ବ୍ଲକ ଅଞ୍ଚଳବାସୀଙ୍କ ସମେତ ଅନ୍ୟ ସମସ୍ତ ଆଦିବାସୀ ବହୁଳ ସୀମାନ୍ତ ଜିଲାବାସୀ ଆନ୍ଦୋଳନ କରିବେ ବୋଲି ଜେଏମ୍ଏମ୍ ପକ୍ଷରୁ ଚେତାବନୀ ଦିଆଯାଇଛି।



ବ୍ଲକ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମରେ ସାମିଲ ଜେଏମ୍ଏମ୍ କର୍ମକର୍ତ୍ତା।

## ତିହିଡ଼ିରେ ତିଆରି ହେଉଛି ୯ଶହ ମିଟର ତ୍ରିରଙ୍ଗା

**ପଦ୍ମପୁର, ୧୨।୮(ଡି.ଏନ.ଏ.)**

ଚଳିତବର୍ଷ ସମଗ୍ର ଦେଶ ପାଳନ କରୁଛି ଆଜାଦୀ କି ଅମୃତ ମହୋତ୍ସବ। ଏହି ଅବସରରେ ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଅଞ୍ଚଳର ପ୍ରଦେଶ ସେବା ସଙ୍ଗଠନ ନିଆରା ଢଙ୍ଗରେ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତ କରୁଛି ୯ଶହ ମିଟର ଲମ୍ବର ଜାତୀୟ ପତାକା। ସଙ୍ଗଠନର କାର୍ଯ୍ୟକାରୀ ସଭାପତି ଭାଗୀରଥି ମହାନ୍ତି ଏହି ପତାକା ତିଆରି କରୁଛନ୍ତି। ବରଗଡ଼ରେ ୧ ହଜାର ମିଟର ଜାତୀୟ ପତାକା ପ୍ରଦର୍ଶିତ ହୋଇଥିଲା। ତିହିଡ଼ିରେ ପ୍ରସ୍ତୁତ ହେଉଥିବା ଏହି ତ୍ରିରଙ୍ଗା ରାଜ୍ୟରେ ଦ୍ୱିତୀୟ ବିଶାଳ ପତାକା ହେବ। ଏକ ବିଶାଳ ଶୋଭାଯାତ୍ରାରେ ଜାତୀୟ ପତାକାକୁ ପୀରହାଟ କାନପୁରଠାରୁ ତିହିଡ଼ି ପୁରୁଣାବଜାର ପର୍ଯ୍ୟନ୍ତ ୧୨ କି.ମି. ପରିକ୍ରମା କରାଯିବାର କାର୍ଯ୍ୟକ୍ରମ ରହିଥିବା ସଙ୍ଗଠନର ସଭାପତି ରଞ୍ଜନ


ପ୍ରଦେଶ ସେବା ସଙ୍ଗଠନର କାର୍ଯ୍ୟକାରୀ ସଭାପତି ଭାଗୀରଥି ମହାନ୍ତି ଜାତୀୟ ପତାକା ତିଆରି କରୁଛନ୍ତି।

ମିଶ୍ର କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ତିହିଡ଼ି ବ୍ଲକ ପ୍ରଶାସନିକ ଅଧିକାରୀ, ଛାତ୍ରୀଛାତ୍ର, ଲୋକପ୍ରତିନିଧି ଓ ଜନସାଧାରଣ ଅଂଶଗ୍ରହଣ କରିବେ। ଚାରାରୋପଣ ସହ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି।

## ୫ ପ୍ରକଳ୍ପ ଶୁଭାରମ୍ଭ କଲେ ଜିଲାପାଳ

**ଜଳେଶ୍ୱର, ୧୨।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ନିଯୁକ୍ତ ହେବା ପରେ ଜଳେଶ୍ୱର ବ୍ଲକକୁ ପ୍ରଥମଥର ଗସ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ୫-ଟି ମାଧ୍ୟମରେ ମାଧ୍ୟମିକ ବିଦ୍ୟାଳୟର ରୂପାନ୍ତରିତ କାର୍ଯ୍ୟ ଚାଲିଥିବା ବେଳେ ଜଳେଶ୍ୱର ବ୍ଲକରେ ତୃତୀୟ ପର୍ଯ୍ୟାୟରେ ୨୦ଟି ବିଦ୍ୟାଳୟକୁ ହାତକୁ ନିଆଯାଇଛି । ଏ ସମ୍ପର୍କରେ ବିଦ୍ୟାଳୟରେ ରୂପାନ୍ତରିତ କାର୍ଯ୍ୟକ୍ରମକୁ ସମୀକ୍ଷା କରିବା ସହିତ ଜିଲାପାଳ ଏହାର ଶୁଭାରମ୍ଭ କରିଥିଲେ। ଆରୁହା ପଞ୍ଚାୟତର ଆରୁହା ହରପ୍ରସାଦ ଏକାଡେମୀରେ ମୋ ସ୍କୁଲ ଅଭିଯାନରେ ୫୦ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା କାର୍ଯ୍ୟକୁ ସମୀକ୍ଷା କରିଥିଲେ। ୫ଟି କାର୍ଯ୍ୟରେ ହେବାକୁ ଥିବା ନିର୍ମାଣର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ସ୍ମୃତିରଞ୍ଜନ ମଲ୍ଲିକ, ସରପଞ୍ଚ ତପନୀ ଭୂୟାଁ, ବ୍ଲକ ନିର୍ବାହୀଯନ୍ତ୍ରୀ ବିକ୍ରମ କେଶରୀ ଯେନା, ଏବିଇଓ ସୁଶାନ୍ତ ଜେନା, କନିଷ୍ଠଯନ୍ତ୍ରୀ ରବୀନ୍ଦ୍ର ପ୍ରଧାନ, ଦିନେଶ ଅଡା, ଶରତ ଉପାଧ୍ୟାୟ, ସୁଶାନ୍ତ ପାତ୍ର, ସମିତିସଭ୍ୟା ପ୍ରତିନିଧି ଶ୍ରୀକଣ୍ଠ ମହାନ୍ତି, ପ୍ରଧାନଶିକ୍ଷକ ପ୍ରଶାନ୍ତ ଦାସ, ବିଦ୍ୟାଳୟ କମିଟି ସଭାପତି ଗୌରହରି ଦାସ, ମନୋଜ ଭୂୟାଁ, ମଧୁସୂଦନ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଜିଲାପାଳ ରାୟାଁ ରାମଚନ୍ଦ୍ରପୁର ପଞ୍ଚାୟତର ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତପୋବନ ହାଇସ୍କୁଲ ପରିଦର୍ଶନ କରିବା ସହିତ ୫-ଟି କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରପଞ୍ଚ ପ୍ରତିନିଧି ପ୍ରବୀର ଦାସ, ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପାଳ ଉପସ୍ଥିତ ଥିଲେ। ସୁଗୋ ପଞ୍ଚାୟତରେ ଥିବା ସୁଗୋ ହାଇସ୍କୁଲ ଓ ସୀମାନ୍ତ ଶିକ୍ଷାନିକେତନକୁ ପରିଦର୍ଶନ କରିବା ସହିତ ବିଦ୍ୟାଳୟର ମୋ ସ୍କୁଲ ଅଭିଯାନରେ କାର୍ଯ୍ୟର ସମୀକ୍ଷା କରି କାର୍ଯ୍ୟର ଅଗ୍ରଗତିରେ ଅସନ୍ତୋଷ ପ୍ରକାଶ କରିଥିବା ସରପଞ୍ଚ ପ୍ରତିନିଧି ଅରୁଣ ପରିଡା କହିଛନ୍ତି।

## ଛାତ୍ରୀଛାତ୍ରଙ୍କ ତ୍ରିରଙ୍ଗା ଶୋଭାଯାତ୍ରା

**ବାସୁଦେବପୁର,୧୨।୮(ଡି.ଏନ.ଏ.)**

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଅମୃତ ମହୋତ୍ସବକୁ ସଫଳ କରିବା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ମୁତାବକ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି। ଭଦ୍ରକ ଜିଲା ବାସୁଦେବପୁର ସହରସ୍ଥିତ ଅଟଳ ବିହାରୀ ହାଇସ୍କୁଲର ଶତାଧିକ ଛାତ୍ରୀଛାତ୍ର ଶୁକ୍ରବାର ଅପରାହ୍ନରେ ତ୍ରିରଙ୍ଗା ଶୋଭାଯାତ୍ରାରେ ସହର ପରିକ୍ରମା କରିଛନ୍ତି। ଅଟଳ ବିହାରୀ ହାଇସ୍କୁଲ ସହ ସମସ୍ତ ଶିକ୍ଷାନୁଷ୍ଠାନରେ ମଧ୍ୟ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଇ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରାଯାଉଛି।


ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

## ସିଟିଜିରେ ସମ୍ବର୍ଦ୍ଧନା ସଭା

**କେନ୍ଦୁଝର, ୧୨।୮(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ନ୍ୟୁ କଲୋନୀସ୍ଥିତ ସିଟିଜି ଫାଉଣ୍ଡେଶନ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲର ଯୁକ୍ତ ଦୁଇ କଳାର କୃତୀ ଛାତ୍ରୀଛାତ୍ରଙ୍କ ପାଇଁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରୀଛାତ୍ର ଏବଂ ସେମାନଙ୍କର ଅଭିଭାବକ ଯୋଗ ଦେଇଥିଲେ। ପ୍ରିନ୍ସିପାଲ ମାନସ ରଞ୍ଜନ ମହାପାତ୍ର ସେମାନଙ୍କୁ ସ୍ୱାଗତ ଜଣାଇଥିଲେ। ଭାଇସ ପ୍ରିନ୍ସିପାଲ କୃଷ୍ଣଚନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ। କଲେଜର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ରୋଟାରିୟାନ୍ ଡ. ରାଜେନ୍ଦ୍ର କୁମାର ପଲେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତରେ ଜଣେ ଭଲ ନାଗରିକ ଭାବେ ଦେଶ ମାତୃକାର ସେବା କରିପାରିଲେ ଏହା କଲେଜ ଶିକ୍ଷା ପ୍ରାପ୍ତିର ଠିକ୍ ଉପଯୋଗ ହୋଇପାରିବ ବୋଲି ଆଶାପୋଷଣ କରିଥିଲେ। କଲେଜରେ ଯୁକ୍ତ କଳାର ପିଲା ସେମାନଙ୍କର କଲେଜର ରହଣୀ,ଶିକ୍ଷାଦାନ,ଶୃଙ୍ଖଳା ଏବଂ ଚରିତ୍ର ଗଠନର ଭୂମିକାକୁ ପ୍ରଶଂସା କରିବା ସହିତ ହାଇସ୍କୁଲରେ କମ୍ ନମ୍ବର ରଖିଥିଲେ ବି ଏହି କଲେଜ ରେ ଶିକ୍ଷାଦାନ ଉଚ୍ଚକୋଟୀର ହୋଇଥିବାରୁ ସେମାନେ ବହୁତ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଯୋଗୁଁ ଖୁସି ହୋଇଥିଲେ।


ସମ୍ବର୍ଦ୍ଧନା ସଭାରେ କୃତୀ ଛାତ୍ରୀଛାତ୍ର, ଅଭିଭାବକ ଓ ଅନ୍ୟମାନେ।

## ଭାଜପା ପକ୍ଷରୁ ରକ୍ଷାବନ୍ଧନ

**ଖଇରା, ୧୨।୮(ଡି.ଏନ.ଏ.)**

ଭାଜପା ପକ୍ଷରୁ ଖଇରା ବ୍ଲକର ୫ନଂ. ଜୋନର ବିଭିନ୍ନ ପଞ୍ଚାୟତରେ ଗୁରୁବାର ରକ୍ଷାବନ୍ଧନ ଓ ତ୍ରିରଙ୍ଗା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯୁବନେତା ଇଂ.ରାଜେଶ ମହାକୁଡ, ମଣ୍ଡଳ ସଭାପତି ମହେଶ୍ୱର ନାଥ, ସମ୍ପାଦକ ଲକ୍ଷ୍ମୀକାନ୍ତ ସାହୁ, କୁରୁଣ୍ଟା ସରପଞ୍ଚ ରଘୁନାଥ ଜେନା, ଡଗରପଡା ସମିତିସଭ୍ୟ ବିମ୍ବାଧର ଦଳେଇ, ଅଚ୍ୟୁତପୁର ସରପଞ୍ଚ ଅହଲ୍ୟା ପାତ୍ର, ସମିତିସଭ୍ୟା ସସ୍ମିତା ପଣ୍ଡା, ସୁରେନ୍ଦ୍ର ପ୍ରସାଦ ନାୟକ, ଦାମୋଦର ଦାସ ପ୍ରମୁଖ ଉଭୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ଡଗରପଡା ବିବେକଭାରତୀ ସେବାଶ୍ରମ ଅନ୍ତେବାସୀଙ୍କ ହାତରେ ରାଖୀ ବନ୍ଧାଯିବା ସହ ଖାତା, କଲମ ସହ ଜାତୀୟ ପତାକା ବଣ୍ଟନ କରାଯାଇଥିଲା।


ଡଗରପଡା ବିବେକ ଭାରତୀ ସେବାଶ୍ରମରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅବସରରେ ଅନ୍ତେବାସୀଙ୍କ ସହ ଭାଜପା ନେତୃବୃନ୍ଦ ।

## 'ଜାତୀୟ କବି ବାଞ୍ଛାନିଧିଙ୍କ କବିତା ଥିଲା ବିପ୍ଳବ ଓ ବିଦ୍ରୋହର ଅଗ୍ନିଶିଖା'

**ଧାମନଗର,୧୨।୮(ଡି.ଏନ.ଏ.)**

ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ କବିତା ଥିଲା ବିପ୍ଳବ ଓ ବିଦ୍ରୋହର ଅଗ୍ନିଶିଖା। ତାହା କଣ୍ଠରୁ କଣ୍ଠ ଦେଇ ସାଧାରଣ ଜନତାଙ୍କୁ ଉଦ୍‌ବୁଦ୍ଧ କରିବା ସହ ସ୍ୱାଧୀନତା ଆନ୍ଦୋଳନକୁ ଇନ୍ଧନ ଯୋଗାଇଥିଲା। ଅଗଷ୍ଟକ୍ରାନ୍ତି ଓ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ତାଙ୍କ ସୃଷ୍ଟିର ଦିଗ ଦିଗନ୍ତକୁ ଆଲୋଚନା କରିବାର ପ୍ରାସଙ୍ଗିକତା ରହିଛି ବୋଲି ଧାମନଗର ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଅନୁଷ୍ଠିତ ସମ୍ମାନ (ଆଲୋଚନାଚକ୍ର)ରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। 'ଜାତୀୟ କବି ବାଞ୍ଛାନିଧିଙ୍କ କବିତାର ବର୍ଣ୍ଣିଳ ଆଭା' ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତଟ ରେଳପଥର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ଓ ବିଶିଷ୍ଟ କବି ନିରାକାର ଦାସ, ମୁଖ୍ୟବକ୍ତା ଭାବେ ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା କଥାକାର ପବିତ୍ର ପାଣିଗ୍ରାହୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ପରିଡ଼ା ଏଥିରେ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ଆଦ୍ୟାରଶ୍ମି ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀ ପୂର୍ଣ୍ଣିମା ସାହୁ ଓ ନମ୍ରତା ମହାରଣା ସନ୍ଦର୍ଭ ଉପସ୍ଥାପନ କରିଥିବା ବେଳେ ମାମୁନି ସାମଲ, ଶୁଭସ୍ମିତା ଦାସ ଓ ରେଣୁ ବାରିକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ସହ ମୁଖ୍ୟଅତିଥି ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ହରିପ୍ରିୟା ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ସହ ଅଧ୍ୟାପକ ଡ. ବନମାଳି ଦାଶ, ଡ. ମନୋଜ କର, ସଞ୍ଜୟ ପଣ୍ଡା, ପ୍ରଦୀପ ରାୟ, ବିନାୟକ ସାହୁ, ଆଶୀର୍ବାଦ ମହାନ୍ତି, ବାସ୍ତବିକା ଦାସ ପ୍ରମୁଖ ଯୋଗ ଦେଇଥିଲେ।



ଧାମନଗର ମହାବିଦ୍ୟାଳୟ ଓଡ଼ିଆ ବିଭାଗରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

## ସଂକ୍ଷେପରେ

### ସରକାରୀ କାର୍ଯ୍ୟାଳୟରେ ନିଶାଦ୍ରବ୍ୟ ସେବନ ନିଷେଧ

କେନ୍ଦୁଝର, ୧୨।୮ (ସ୍ୱ.ପ୍ର.): ସମସ୍ତ ସରକାରୀ କାର୍ଯ୍ୟାଳୟରେ ନିଶାସେବନକୁ ନିଷେଧ କରାଯାଇଛି । ପାନ, ବିଡି, ସିଗାରେଟ, ଗୁଟଖା ଆଦି ସେବନ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଭଳି ବିଜ୍ଞପ୍ତି ପ୍ରକାଶ କରିଛନ୍ତି ପ୍ରିନ୍ସପାଲ ସେକ୍ରେଟେରୀ ଡ. ଅରବିନ୍ଦ ପାଢ଼ୀ। (ନଂ ୧୬୨୮୪/୧୦।୮।୨୦୨୨) ଏହି ଚିଠି କରି ସମସ୍ତ ବିଭାଗ ଏହାର ଅନୁପାଳନ କରିବେ ଏବଂ ଖିଲାପ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି। ଫଳରେ ଏହି ସବୁ ନିଶା ଦ୍ରବ୍ୟ ଅଭ୍ୟସ୍ତ ଥିବା କର୍ମଚାରୀ ତଥା ଅଧିକାରୀଙ୍କ ମଧରେ ଭାଳେଣୀ ପଡିଯାଇଛି ।

### ସାପ କାମୁଡ଼ାରେ ମହିଳା ମୃତ

ପାଟଣା, ୧୨।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଚିନାମାଳିପଶି ଗ୍ରାମରେ ବିଷାକ୍ତ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ହେଉଛନ୍ତି ଉକ୍ତ ଗ୍ରାମର ଖୀରସୁଦ୍ଧା ପାତ୍ର (୩୫)। ସୂଚନା ଅନୁଯାୟୀ ଘରେ ଶୋଇଥିବା ବେଳେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପାରୋଲରେ ଆସିଥିବା ଅଭିଯୁକ୍ତଙ୍କ ସାପ କାମୁଡାରେ ମୃତ୍ୟୁ

ଚାନ୍ଦବାଲି,୧୨।୮ (ଡି.ଏନ.ଏ.): ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ମାଧପୁର ଗାଁରେ ଗୁରୁବାର ରାତିରେ ସାପ କାମୁଡ଼ାରେ ଧନେଶ୍ୱର ଦାସ ନାମକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଧନେଶ୍ୱର ଏକ ବଧୂହତ୍ୟା ମାମଲାରେ ୭ବର୍ଷ ଜେଲରେ ରହିବା ପରେ ଦୁଇମାସ ତଳେ ପାରୋଲରେ ଘରକୁ ଆସିଥିଲେ। ଗୁରୁବାର ରାତିରେ ସେ ଘରେ ଶୋଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ିଥିଲା। ତାଙ୍କୁ ତୁରନ୍ତ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ମହୁଲି ମଦ ଜବତ: ୩ ଗିରଫ

ଚମ୍ପୁଆ, ୧୨।୮(ଡି.ଏନ୍.ଏ.): କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରେ ଚୋରା ଦେଶିମଦ କାରବାର ବୃଦ୍ଧି ପାଉଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରି ୩ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ପଇଦା ତିରିଆ, ଟିକେଶ୍ୱର ମହାନ୍ତ ଓ ଲିପୁନ ନାଏକ। ଏହି ଚୋରା ମଦ କାରବାର ରୋକିବା ପାଇଁ ଶୁକ୍ରବାର ଅଧୀକ୍ଷକ ନାରାୟଣ ମେହେରଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ଓ ଝୁମ୍ପୁରା ଅବକାରୀ ବିଭାଗ ଓଆଇସି ସ୍ମିତା ବେହେରା, ଗୋବିନ୍ଦ ନାଏକ, ଜନାର୍ଦ୍ଦନ ପଲେଇ, କନଷ୍ଟେବଲ ଅଖିଳ ସର୍ଦ୍ଦାର ପ୍ରମୁଖ କାଳିକା ପ୍ରସାଦ, ଚଉଠିଆ ଓ ସାନନଈ ଅଞ୍ଚଳରେ ଚଢାଉ କରି ୫୫ ଲିଟର ମହୁଲି ମଦ ଜବତ କରିଛନ୍ତି।

### ବାଇକ୍ ଧକ୍କାରେ ପଥଚାରୀ ମୃତ

ବାସୁଦେବପୁର,୧୨।୮ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର- ଧାମରା ରାସ୍ତାର ବିରସ ଛକଠାରେ ଗୁରୁବାର ସନ୍ଧ୍ୟାରେ ଏକ ବାଇକ୍ ଧକ୍କାରେ ସୋମନାଥ ଦାସ ନାମକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ସୋମନାଥଙ୍କ ଘର ନାୟକାଣିଡିହୀ ଥାନା ଅଧୀନ ରହିମପୁର ଗ୍ରାମରେ। ସେ ତାଙ୍କ ଶ୍ୱଶୁର ଘର ବିରସ ଗ୍ରାମକୁ ଆସିଥିଲେ। ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। କଷିଆ ସାମୁଦ୍ରିକ ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ମଧ ଆହତ ହୋଇଛନ୍ତି।

### ଡାକ ଘରୁ ପାଣି ପମ୍ପ ଚୋରି

କୁଆମରା,୧୨।୮(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ କୁଆମରା ଉପ ଡାକଘରୁ ଦୁର୍ବୃତ୍ତମାନେ ଏକ ପାଣି ପମ୍ପ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଉକ୍ତ ଉପ ଡାକଘରଟି ଭଡ଼ା ଘରେ ଚାଲୁଛି। ଦୁଇ ମାସ ହେଲା ଏହାର ନୂତନ ଗୃହ ନିର୍ମାଣ ହୋଇଛି। ତେବେ ଏହି ନୂତନ ଗୃହ ଉଦ୍‌ଘାଟନ ହେବାକୁ ଥିବା ବେଳେ ସେଠାରେ ୧୫ ଦିନ ହେବ ନୂତନ ପାଣି ପମ୍ପ ବସା ଯାଇଥିଲା। ମାତ୍ର ପାଣି ପମ୍ପଟିର ମୋଟରକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ପୋଷ୍ଟମାଷ୍ଟର ଶୁଭେନ୍ଦୁ ସେଠୀ କୁଆମରା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଫାଣ୍ଡି ଅଧିକାରୀ ବି.ବି. ସ୍ୱାଇଁ କହିଛନ୍ତି।

# ପାଣି ପାଇଁ ଚଢ଼ିବାକୁ ପଡୁଛି ୨୫ ଫୁଟ ପାହାଡ଼

କେନ୍ଦୁଝର, ୧୨।୮(ସ୍ୱ.ପ୍ର.)


ଲୋକେ ପାହାଡ଼ ତଳ ଝରଣାରୁ ପାଣି ସଂଗ୍ରହ କରୁଛନ୍ତି।

ସମସ୍ତଙ୍କୁ କିପରି ବିଶୁଦ୍ଧ ପାନୀୟ ଜଳ ମିଳିବ ସେ ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଥିଲେ ହେଁ ଏବେ ମଧ ଆଦିବାସୀ ଅଧ୍ୟୁଷିତ ବାଂଶପାଳ, ତେଲକୋଇ ଆଦି ବ୍ଲକ ଅଞ୍ଚଳରେ ଅନେକ ଗ୍ରାମ ଓ ବସ୍ତିର ଲୋକେ ପାନୀୟ ଜଳରୁ ବଞ୍ଚିତ ରହିଛନ୍ତି। କୋଟି କୋଟି ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକାରର ଜଳ ଯୋଗାଣ ପ୍ରକଳ୍ପ ଜରିଆରେ ଜଳ ଯୋଗାଣ କରାଯାଉଛି। କିନ୍ତୁ ଏହି ପାହାଡିଆ ଅଞ୍ଚଳରେ ଲୋକମାନେ ନଦୀ, ଝରଣା, ପାଣି ଚୁଆ ଆଦିରୁ ପାଣି ସଂଗ୍ରହ କରି ଚାଲିଛନ୍ତି। ଅନେକ ଅଞ୍ଚଳରେ ପାନୀୟଜଳ ପାଇଁ ଲୋକଙ୍କୁ ପାହାଡ଼ ଚଢ଼ି ଯିବାକୁ ପଡୁଛି।

ଏଭଳି ସମସ୍ୟା କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଯାତ୍ରା ପଞ୍ଚାୟତ ମଙ୍ଗଳପୁର ସାହିରେ ଦେଖିବାକୁ ମିଳିଛି। ଏଠାରେ ୬୫ ଗରିବ ଆଦିବାସୀ ଶ୍ରେଣୀର ପରିବାର ବସବାସ କରୁଛନ୍ତି। ବହୁ କଷ୍ଟରେ ମୂଲ ମଜୁରୀ କରିଲେ ତାଙ୍କ ଘରେ ଚୁଲି ଜଳେ। ତେବେ ପିଇବା ପାଣି ପାଇଁ ନଳକୂଅଟିଏ ନାହିଁ। ଫଳରେ ପାଞ୍ଚ ଶହ ମିଟର ଦୂର ଯାଇ ୨୫ ଫୁଟ ପାହାଡ ତଳୁ ବେଡାନାଳ ଝରଣାରୁ ପ୍ରଦୂଷଣ ଯୁକ୍ତ ପାଣି ଆଣିବାକୁ ପଡୁଛି ବୋଲି କହିଛନ୍ତି। ବିଶେଷ କରି ମହିଳାମାନେ ଗରା, ଡେକଚି, ବାଲଟି ଆଦିରେ ପାଣି ଧରି ଯିବା ଆସିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସାଇବାଣୀ ଜେନା ସମେତ ଅନ୍ୟମାନେ କହିଛନ୍ତି। ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଝରଣାରୁ ପାଣି ସଂଗ୍ରହ କରି ଆଣୁ ଥିବାରୁ ବିଭିନ୍ନ ପ୍ରକାର ରୋଗ ବ୍ୟାପିବା ଆଶଙ୍କା ରହିଛି। ଏଣୁ ବିଶୁଦ୍ଧ ଜଳ ଯୋଗାଇ ଦେବା ଜରୁରୀ ବୋଲି ଅବସରପ୍ରାପ୍ତ ଡାକ୍ତର ଲକ୍ଷ୍ମୀକାନ୍ତ ମହାନ୍ତି କହିଛନ୍ତି। ଏହାକୁ ନେଇ ସାଇବାଣୀ ସମେତ ବାସନ୍ତି ଗିରି, ନିକିତି ଗିରି, ପଠାଣି ବେହେରା, କୈଳାସ ପ୍ରଧାନ ପ୍ରମୁଖ ଗ୍ରାମବାସୀ ପୂର୍ବରୁ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ତଥା ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରି ଆସୁଥିଲେ ହେଁ ସେମାନଙ୍କ ସମସ୍ୟା ସୁଧୁରୁ ନାହିଁ ବୋଲି କହିଛନ୍ତି। ବିଶେଷ କରି ବର୍ଷା ଦିନରେ ପାହାଡ଼ିଆ ରାସ୍ତାରେ ଯାତାୟତ ବିପଦପୂର୍ଣ୍ଣ ହେଉଥିବା ବେଳେ ମଇଳା ପାଣି ବ୍ୟବହାର ଯୋଗୁ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ରହିଛି ବୋଲି ସେମାନେ କହିଛନ୍ତି। ଏଣୁ ପ୍ରଶାସନ ଏ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏକ ନଳକୂଅ ଖନନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଶରତ ଦାସ ବିଜେଡି ଅନୁସୂଚିତ ଜାତି ସଭାପତି

ନୀଳଗିରି,୧୨।୮(ସ୍ୱ.ପ୍ର.)



ବାଲେଶ୍ୱର ଜିଲ ନୀଳଗିରି ବ୍ଲକ ଓ ଏନ୍‌ଏସିରୁ ବିଜୁ ଜନତା ଦଳ ଅନୁସୂଚିତ ଜାତି ସଭାପତିଙ୍କ ନାମ ଘୋଷଣା ହୋଇଛି। ବିଜୁ ଜନତା ଦଳ ଅନୁସୂଚିତ ଜାତିର ଶାଖା ବାଲେଶ୍ୱର ପକ୍ଷରୁ ଜିଲା ବିଜେଡି ସଭାପତି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ଅନୁମୋଦନକ୍ରମେ ନୀଳଗିରି ଏନଏସି ଅଧୀନ ବାଲିଗୋହିରୀ ଅଞ୍ଚଳର ଶରତ କୁମାର ଦାସଙ୍କ ଉପରେ ଭରସା ରଖି ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତଥା ନୀଳଗିରି ବ୍ଲକର ବିଜୁ ଜନତା ଦଳ ଅନୁସୂଚିତ ଜାତି (ଶାଖା)ର ସଭାପତି ଭାବରେ ନିଯୁକ୍ତି ଦିଆଯାଇଛି। ଏଭଳି ଗୁରୁଦାୟିତ୍ୱ ଦେଇଥିବାରୁ ଦାସ ସଭାପତି ଇଂ. ଜେନା, ନୀଳଗିରିର ବିଜେଡି ନେତା ସନ୍ତୋଷ ଖଟୁଆ ଓ ଶତ୍ରୁଘ୍ନ ମଲ୍ଲିକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ୩୮ ଅଟକ

ବାରିପଦା ଅଫିସ,୧୨।୮

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୟୂରଭଞ୍ଜ ଜିଲା ଗସ୍ତ ପୂର୍ବରୁ ୩୮ଜଣଙ୍କୁ ପୋଲିସ ଅଟକ ରଖିଥିଲା। କଂଗ୍ରେସ ପକ୍ଷରୁ ବିରୋଧ କରାଯିବା ଆଶଙ୍କା କରି ଜିଲା ପୋଲିସ ଗୁରୁବାର ରାତିଠାରୁ ନେତା ଓ କର୍ମକର୍ତ୍ତାଙ୍କୁ ଅଟକ ରଖିଥିଲା। ଏହି ଘଟଣାକୁ ନେଇ ଜିଲା କଂଗ୍ରେସ ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। ସବୁର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କଂଗ୍ରେସ ଅମଳରେ ଆରମ୍ଭ କରାଯାଇଥିଲା। ଦୀର୍ଘ ୨୨ବର୍ଷ ଶାସନ କାଳ ମଧରେ ବିଜେଡି ସରକାର ଅଦ୍ୟାବଧି କାର୍ଯ୍ୟ ସମାପ୍ତ ନ କରି ତରବରିଆ ଭାବେ ଏହାକୁ ଲୋକାର୍ପଣ କରିଛନ୍ତି। ଉକ୍ତ ପ୍ରକଳ୍ପକୁ ବାରମ୍ବାର ଉଦ୍‌ଘାଟନ କରିବା ଦ୍ୱାରା ଜନତାଙ୍କ ଅର୍ଥକୁ ଅଯଥାରେ ଅପଚୟ କରାଯାଉଛି ବୋଲି କଂଗ୍ରେସ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ତେବେ ବାରିପଦା ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ବୁଢାବଳଙ୍ଗ ନଦୀରେ ଆଡିବନ୍ଧ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ବାରମ୍ବାର ଘୋଷଣା କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଜିଲାରେ ସ୍ୱାସ୍ଥ୍ୟ ସେବା ଓ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ବେକାରୀ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଦରଦାମ ବୃଦ୍ଧିକୁ ସରକାର ନିୟନ୍ତ୍ରଣ କରିବାରେ ଫେଲ ମାରିଥିବା ବେଳେ ନିଜର ବିଫଳତାକୁ ଲୁଚାଇବା ପାଇଁ ବିରୋଧୀ ଦଳର କଣ୍ଠରୋଧ କରିବା ସକାଶେ ଏଭଳି ଗିରଫଦାରୀକୁ ଜିଲା କଂଗ୍ରେସ ସଭାପତି ହେମନ୍ତ ଦାସ ନିନ୍ଦା କରିଛନ୍ତି।

## ସାମୂହିକ ପ୍ରୟାସ ଦ୍ୱାରା ବିକାଶ ସମ୍ଭବ

### ୩ୟ ଜିଲା ପରିଷଦ ବୈଠକ

ଭଦ୍ରକ ଅଫିସ, ୧୨।୮


ବୈଠକରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ବିଧାୟକ ଓ ଅନ୍ୟମାନେ।

ଭଦ୍ରକ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଶୁକ୍ରବାର ୩ୟ ଜିଲା ପରିଷଦ ବୈଠକ ସଭାପତି ପ୍ରଫୁଲ୍ଲ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲା ଯୋଜନା କମିଟି ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ଧାମନଗର ବିଧାୟକ ବିଷ୍ଣୁଚରଣ ସେଠୀ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ୍, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲା ପରିଷଦ ଉପସଭାପତି ଚୁନିବାଳା ବିଶ୍ୱାଳ, କାର୍ଯ୍ୟନିର୍ବାହୀ ଅଧିକାରୀ ଇନ୍ଦ୍ରମଣି ନାୟକ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଜିଲା ପ୍ରଶାସନ ସହ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ସାମୂହିକ ଭାବେ ବିଭିନ୍ନ କାର୍ଯ୍ୟ ପାଇଁ ପ୍ରୟାସ ଜାରି ରଖିଲେ ଜିଲାର ସର୍ବାଙ୍ଗୀନ ବିକାଶ ହୋଇପାରିବ। ସମାଜର ସର୍ବନିମ୍ନ ସ୍ତରର ଲୋକଙ୍କ ପାଇଁ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଜନପ୍ରତିନିଧିମାନେ କହିଥିଲେ। ଅଧିକାରୀ ହୁଅନ୍ତୁ କି ଜନପ୍ରତିନିଧି ଜନସାଧାରଣଙ୍କୁ ଉତ୍ତର ଦେବାକୁ ପଡ଼ିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ ଶିକ୍ଷା, ସ୍ୱାସ୍ଥ୍ୟ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ସାଳନ୍ଦୀ କେନାଲ ଡିଭିଜନ, ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା, ପ୍ରଧାନମନ୍ତ୍ରୀ ଆବାସ ଆଦି ଯୋଜନାର ବ୍ୟୟ ଅଟକଳ ପାଇଁ ଅଧିକାରୀମାନେ ତଥ୍ୟ ପ୍ରଦାନ କରିଥିଲେ।

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ଭଦ୍ରକ ଅଫିସ, ୧୨।୮

ଭଦ୍ରକ ଜିଲା ଧାମନଗର ବ୍ଲକର ପାଳସାହି ପଞ୍ଚାୟତରେ ୟୁଥ୍ ଫର୍ ୟୁ ଅର୍ଗାନାଇଜେଶନ ପକ୍ଷରୁ ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଳସାହି, ରଇପୁର ଓ ସ୍ଥାନୀୟ ୩ରୁ ୪ ପଞ୍ଚାୟତର ଯୁବ ନେତୃତ୍ୱଙ୍କ ଦ୍ୱାରା ଏହି ସଙ୍ଗଠନ ଗଠିତ ହୋଇଛି। ସମସ୍ତ ପଞ୍ଚାୟତର ଯୁବକମାନେ ବୈଠକରେ ଉପସ୍ଥିତ ରହି ସ୍ୱାଧୀନତା ଦିବସରେ ୧୦୦ ଫୁଟ ଲମ୍ବର ଜାତୀୟ ପତାକା ଶୋଭାଯାତ୍ରା ନେଇ ଆଲୋଚନା କରିଥିଲେ। ଶାନ୍ତିଶୃଙ୍ଖଳାରେ ସ୍ୱାଧୀନତା ଦିବସ ପାଳନ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି।

## ‘ଜ୍ଞାନୀ ବ୍ୟକ୍ତିଙ୍କ ପରିଚୟ ଲୋଡ଼ା ପଡ଼େନି’

### ଶିକ୍ଷାବିତ୍ ବିବେକାନନ୍ଦ ପରିଡ଼ାଙ୍କ ଜୟନ୍ତୀ


ଅତିଥିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

କୁଆମରା,୧୨।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଆରପଟା ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍, ସମାଜିକ କର୍ମୀ ତଥା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ଏବଂ ଭୁବନେଶ୍ୱର ଭିଜନଟେକ୍ କନ୍‌ସଲଟାନ୍ସି ସର୍ଭିସେସ୍ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ସ୍ୱର୍ଗତ ବିବେକାନନ୍ଦ ପରିଡ଼ା ୭୮ତମ ଜନ୍ମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ମଙ୍ଗଳପୁରସ୍ଥିତ ବାଳାଶ୍ରମରେ ଗାନ୍ଧୀଜି ସ୍ୱେଚ୍ଛାସେବୀ ସଂଗଠନ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ପରିଡ଼ାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସଞ୍ଜୟ କୁମାର ମିଶ୍ରଙ୍କ ଦ୍ୱାରା ପୂଜା ପାଠ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଉତ୍ସବରେ ବାଳାଶ୍ରମର ପ୍ରତିଷ୍ଠାତା ଭାସ୍କର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଜ୍ଞାନୀ ବ୍ୟକ୍ତି ନିଜ ପରିଚୟ ଦେବା ଆବଶ୍ୟକ ପଡ଼ି ନ ଥାଏ, ଯାହାକି ସ୍ୱର୍ଗତ ପରିଡ଼ାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥିଲା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଆରପଟା ପଞ୍ଚାୟତର ସମିତି ସଭ୍ୟ ଦିବାକର ଦାସ, ପ୍ରାକ୍ତନ ସରପଞ୍ଚ ଯଦୁନାଥ ସିଂ, ଶିକ୍ଷା ପ୍ରେମୀ ମନୋରଞ୍ଜନ ପରିଡ଼ା, ବସନ୍ତ ପରିଡ଼ା, ଦୀପକ ପରିଡ଼ା, ପ୍ରକାଶ ମିଶ୍ର, ହରେକୃଷ୍ଣ ଦାଶ, ଗାନ୍ଧୀଜି ସ୍ୱେଚ୍ଛାସେବୀ ସଂଗଠନର ସମ୍ପାଦକ ନରୋତ୍ତମ ଜେନା, ଶୁକ୍ରା ସିଂ, ସରୋଜ କୁମାର ସିଂ, ମହେଶ୍ୱର ସିଂ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପରିଡ଼ାଙ୍କ ସ୍ମୃତିଚାରଣ କରିଥିଲେ। ବିବେକାନନ୍ଦଙ୍କ ପୁତ୍ର କୁମାର ରଞ୍ଜନ ପରିଡ଼ା, ରମଣୀ ରଞ୍ଜନ ପରିଡ଼ା ଓ ନାତଚ୍ ଦେବସ୍ମାତ ପରିଡ଼ା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ପରିବାର ପକ୍ଷରୁ ବାଳାଶ୍ରମର ଅନାଥ ପିଲାମାନଙ୍କୁ ପଠ୍ୟ ପୁସ୍ତକ, ପୋଷାକ ଓ ଖାଦ୍ୟ ବଣ୍ଟନ କରାଯାଇଥିଲା।

# ଧାନ ଫସଲ ଉଜାଡ଼ିଲେ ହାତୀ

ନୀଳଗିରି, ୧୨।୮(ସ୍ୱ.ପ୍ର.)


ନଷ୍ଟ ହୋଇଥିବା ଚାଷଜମି।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସଜନାଗଡ ପଞ୍ଚାୟତ ଭାଲୁକୁଣି ଗ୍ରାମ ସଂଲଗ୍ନ ଚାଷଜମିରେ କୁଲଡ଼ିହା ଅଭୟାରଣ୍ୟ ହାତୀଙ୍କ ଉପଦ୍ରବ ଯୋଗୁ ବ୍ୟାପକ ଫସଲ ହାନି ଘଟିଛି। ୩ଟି ହାତୀ ଯେତିକି ଫସଲ ଖାଇଛନ୍ତି ତା’ ଠାରୁ ଅଧିକ ପାଦରେ ଦଳି ଚକଟି ନଷ୍ଟ କରିଦେଇଛନ୍ତି। ଫଳରେ ଚାଷୀମାନେ ଚିନ୍ତାରେ ରହିଛନ୍ତି। ଚାଷୀ ଓ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ କୁଲଡ଼ିହା ଅଭୟାରଣ୍ୟର ୩ଟି ହାତୀ ତିନୀକୋଶିଆ ଜଙ୍ଗଲରେ ରହିଆସୁଥିବା ବେଳେ ଗତ ଗୁରୁବାର ବିଳମ୍ବିତ ରାତିରେ ଜଙ୍ଗଲରୁ ବାହରି ଭାଲୁଣୁଣି ଗାଁର କାର୍ତ୍ତିକ ସିଂ, ରବୀନ୍ଦ୍ର ସିଂଙ୍କ ଏକର ଏକର ଧାନବିଲରେ ପଶି କ୍ଷତି କରିବା ସହ ଭୋର ସମୟରେ ନିକଟସ୍ଥ ଜଙ୍ଗଲକୁ ପଳାଉଛନ୍ତି। ଏହି ଘଟଣା ଅନ୍ୟଦିନଗୁଡିକରେ ମଧ ତିନିକୋଶିଆ ସଂରକ୍ଷିତ ଜଙ୍ଗଲକୁ ଲାଗି ରହିଥିବା ବହୁ ଚାଷୀଙ୍କର ଦୈନନ୍ଦିନର ଘଟଣା ହେଲାଣି। ଫଳରେ ଚାଷ କରିଥିବା ଧାନ ଫସଲ ନଷ୍ଟ ହୋଇଯାଇଛି। ଏନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ବହୁ କଷ୍ଟ କରି ଚାଷ ପାଇଁ ବୁଆଳି ଆଣି ରୋଇଥିଲେ। ହାତୀ ଦଳିବାରୁ ଧାନ ଫସଲ ନଷ୍ଟ ହୋଇଯାଇଛି। ଫସଲ ଉଜୁଡ଼ିବା ଦେଖି ଦୁଇ ଚାଷୀ ହତାଶ ହୋଇପଡ଼ିଛନ୍ତି। ଧାରକରଜ କରି ବିହନ ଆଣି ବିଲରେ ତଳି ପକାଇବା ସହ ମୂଲ ଖଟାଇ ଚାଷ କରିଥିବା ବେଳେ ଏଭଳି ହାତୀ ଉପଦ୍ରବରେ କ୍ଷତି କରିଦେଇଯାଉଛନ୍ତି। ଚାଷୀମାନେ ନୀଳଗିରି ବନବିଭାଗ ଅଧିକାରୀ ଏବଂ ପ୍ରଶାସନ ନିକଟରେ ତୁରନ୍ତ ତଦନ୍ତ କରି କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି।

ଏନେଇ କୁଲଡିହା ରେଞ୍ଜର ଅନନ୍ତ ଜେନା କହିଛନ୍ତି, ଆମେ ଆମ କର୍ମଚାରୀଙ୍କୁ ପଠାଇ ତଦନ୍ତ କରିବୁ। ପରେ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବାର ବ୍ୟବସ୍ଥା କରାଯିବ।

## ବିଶ୍ୱ ହସ୍ତୀ ଦିବସ ପାଳିତ

କେନ୍ଦୁଝର, ୧୨।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ମୁଖ୍ୟାଳୟ ଠାରେ ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଯାଇଛି। ଜିଲାରେ ହାତୀ ମାନଙ୍କ ଚଳପ୍ରଚଳ ଅନ୍ୟ ଜିଲା ମାନଙ୍କ ଅପେକ୍ଷା ଅଧିକ ରହିଛି। ଫଳରେ ହାତୀ ଓ ମଣିଷ ମଧ୍ୟରେ ତିକ୍ତତା ବଢୁଛି। ଏଣୁ ଉଭୟ ହାତୀ ଓ ମଣିଷଙ୍କ ସୁରକ୍ଷା ଜରୁରୀ । ଏନେଇ ବନ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ବିଷୟରେ ଆଲୋଚନା ହୋଇଥିଲା। କିଛି ବର୍ଷ ହେଲା ଜିଲାରେ ବିଭିନ୍ନ କାରଣରୁ ବହୁ ସଂଖ୍ୟାରେ ହାତୀଙ୍କ ମୃତ୍ୟୁ ଉଦ୍‌ବେଗର କାରଣ ହୋଇ ଥିବାବେଳେ ଏହାକୁ ରୋକିବା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଡିଏଫ୍‌ଓ ଧନରାଜ ଏଚ୍‌ଡି, ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ବିଡିଓ ସପନ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ମାନସ ଦେହୁରୀ, ଜିଲା ପରିଷଦ ସଭ୍ୟ ଶାନ୍ତିଲତା ଗିରି ଓ ଅରୁଣ କୁମାର ବାରିକ, ରେଞ୍ଜ ଅଧିକାରୀ ମାନସ ମୁର୍ମୁ, ପୂର୍ବତନ ଅଧ୍ୟକ୍ଷ ଯଦୁମଣି ଠାକୁରଙ୍କ ସମେତ ବହୁ ବନ ବିଭାଗ କର୍ମଚାରୀ ଯୋଗ ଦେଇଥିଲେ।



ଆଲୋଚନା ବେଳେ ଉପସ୍ଥିତ ଅଧିକାରୀ।

## ‘କ୍ଷତିଗ୍ରସ୍ତଙ୍କୁ ମାସକ ମଧରେ କ୍ଷତିପୂରଣ’

### ଜିଲାସ୍ତରୀୟ ବିଶ୍ୱ ହାତୀ ଦିବସ

ଜଳେଶ୍ୱର, ୧୨।୮(ଡି.ଏନ.ଏ.)

ବିଭିନ୍ନ ସ୍ଥାନରେ ହାତୀ ପ୍ରତି ବିପଦ ଦେଖାଦେଇଥିବାରୁ ସେମାନଙ୍କ ସୁରକ୍ଷା ଲାଗି ବିଶ୍ୱ ହାତୀ ଦିବସ ପାଳିତ ହେଉଛି। ସେମାନଙ୍କ ସୁରକ୍ଷା ଲାଗି ସରକାରୀ ସ୍ତରରେ ଯୋଜନା ହେଉଥିବା ବେଳେ ସେମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ୧ମାସ ମଧରେ ସହାୟତା ମିଳିବ ବୋଲି ଡିଏଫ୍‌ଓ ଆୟୁଷ ଜୈନ ଶୁକ୍ରବାର ଜିଲାସ୍ତରୀୟ ବିଶ୍ୱସ୍ତରୀୟ ହାତୀ ଦିବସ ପାଳନ ଅବସରରେ ପ୍ରକାଶ କରିଛନ୍ତି।

ବାଲେଶ୍ୱର ଜିଲା ରାଇବଣିଆସ୍ଥିତ କାଳିକ କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜଳେଶ୍ୱର ରେଞ୍ଜର ଜୟଶ୍ରୀ ମୁର୍ମୁ ପୌରୋହିତ୍ୟ କରି ହାତୀ ଦିବସ ପାଳନର ଯଥାର୍ଥତା ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ଡିଏଫ୍‌ଓ ଆୟୁଷ ଜୈନ ହାତୀ ମଣିଷର ଅନିଷ୍ଟକାରୀ ଜୀବ ନୁହେଁ ବରଂ ସହାୟତା କରିଥାଏ ବୋଲି କହିଥିଲେ। ଘନ ଜଙ୍ଗଲ ମଧରେ ହାତୀ ମଳ ଦ୍ୱାରା ନୂତନ ବୃକ୍ଷ ସୃଷ୍ଟି ହୋଇଥାଏ ବୋଲି ସେ କହିଥିଲେ। ଓଡିଶାର ଶିମିଳିପାଳ ଓ ଝାଡଖଣ୍ଡର ଦଲମା ଅଞ୍ଚଳର ହାତୀ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ କ୍ରମାଗତ ପ୍ରବେଶ କରିଥାଏ। ହାତୀକୁ ନ ନ ରଗାଇ ଘଉଡାଇ ଦିଆଯାଇପାରିଲେ ସେ ଅନିଷ୍ଟ କରି ନ ଥାଏ ବୋଲି କହିବା ସହିତ ଏଣିକି ହାତୀ କ୍ଷତି କରିଥିବା ସମ୍ପର୍କରେ ଏକ ଆପ୍ ଜରିଆରେ ଆବେଦନ କଲେ ବିଭାଗ ପକ୍ଷରୁ ୧ମାସ ମଧରେ ସହାୟତା ମିଳିପାରିବ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଏସିଏଫ ଦିଗନ୍ତଶୋଭନ ଚାନ୍ଦ ଓ ମୁଖ୍ୟବକ୍ତା ଭାବେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ କୁମାର ଦାସ ଯୋଗଦେଇ ହାତୀ ସମ୍ପର୍କରେ ଜନସାଧାରଣ ଅଧିକ ସଚେତନ ହେବା ଉଚିତ୍ ବୋଲି କହିଥିଲେ । ସୁରକ୍ଷା ଦେଉଥିବା, ଛାତ୍ରଛାତ୍ରୀଙ୍କ ମଧରେ ସଚେତନତା ଲାଗି ହୋଇଥିବା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ, ହାତୀ ସୁରକ୍ଷାବାହିନୀଙ୍କୁ ପୁରସ୍କୃତ କରାଯାଇଥିଲା। ଫରେଷ୍ଟର ଦେବରାଜ ରାଉତ, ଫରେଷ୍ଟଗାର୍ଡ ଦୁଷ୍ମନ୍ତ ଜେନା, ମନୋହର ସିଂ, ଚାନ୍ଦିପୁର ରେଞ୍ଜର ଗଣେଶ ଲେଙ୍କା, ସୋର ରେଞ୍ଜର ବବିତା ସରେନ୍, କୁଲଡିହା ଫରେଷ୍ଟର ଭାଗ୍ୟଶ୍ରୀ ଦିବେଦୀ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ରଖିଥିଲେ। କାଳିକ ସରପଞ୍ଚ ପୁଷ୍ପଲତା ଦାସ, ପୂର୍ବତନ ସରପଞ୍ଚ ଗଙ୍ଗାଧର ଦାସ, ରାଇବଣିଆ ସରପଞ୍ଚ ସନ୍ଦୀପ ଘୋଷ, ଦିଗାମ୍ବର ଦାସ, ଶ୍ୟାମନଗର ସରପଞ୍ଚ ଗିରିଜା ସାସମଲ୍ ଓ ବଂଶୀଧର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ବିଶ୍ୱ ହାତୀ ଦିବସ ଅବସରରେ ଉପସ୍ଥିତ ଅତିଥି।

